# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ପାଣିପାଗ ଖେତ୍ରୟ ୟୁନିଟ ଜି . ଉଦୟଗିରି

### ଆଞ୍ଚଳିକ ଜେବେଷଣା ଓ ବୈଷିକ ସମ୍ପ୍ରସାରଣ କେନ୍ଦ୍ର ଜି . ଉଦୟଗିରି , କନ୍ଧମାଳ

### ଓଡିଶା କୃଷି ଓ ବୈଷିୟୀକ ବିଶ୍ଵ ବିଦ୍ୟାଳୟ ଭୁବନେଶ୍ଵର

## ପାଣିପାଗ ପୁର୍ବାନୁମାନ : ୦୭.୦୯.୨୦୧୮ ଠାରୁ ୧୨.୦୯.୨୦୧୮

| ଜିଲା | ତାରିଖ | ବର୍ଷା ( ମି ମି ) | ସର୍ବାଧିକ ତାପମାତ୍ରା ( ସେ ଗ୍ରେ ) | ସର୍ବନିମ୍ନ ତାପମାତ୍ରା ( ସେ ଗ୍ରେ ) | ମେଘାଛନ | ସର୍ବାଧିକ ଆଦ୍ରତା | ସର୍ବାଧିକ ଆଦ୍ରତା | ବାୟୁ ର ଗତି | ବାୟୁ ର ଗତି ଦିଗ ( ଡ଼ି ) |
|---|---|---|---|---|---|---|---|---|---|
| ରାୟଗଡା | ୦୮.୦୯.୨୦୧୮ | ୧୦ | ୩୦ | ୨୫ | ୬ | ୯୦ | ୬୯ | ୫ | ୨୨୦ |
| | ୦୯. ୦୯.୨୦୧୮ | ୦ | ୩୨ | ୨୫ | ୬ | ୮୯ | ୬୬ | ୫ | ୨୯୫ |
| | ୧୦. ୦୯.୨୦୧୮ | ୨ | ୩୪ | ୨୬ | ୫ | ୮୬ | ୫୦ | ୪ | ୨୪୦ |
| | ୧୧.୦୯.୨୦୧୮ | ୧୦ | ୩୩ | ୨୬ | ୫ | ୮୭ | ୫୬ | ୪ | ୨୩୨ |
| | ୧୨. ୦୯.୨୦୧୮ | ୧୦ | ୩୨ | ୨୬ | ୫ | ୮୮ | ୫୪ | ୫ | ୨୮୭ |

## କୃଷି ଉପଦେଶ

(କ) ଅତ୍ୟଧିକ ପାଣି ଦ୍ଵାରା ଫସଲ କ୍ଷତିଗ୍ରସ୍ତ ହୋଇଥିବା ଫସଲ ପାଇଁ ଢ଼ିପ ଜମିରେ ଅଣଧାନ ଫସଲ ଆଂଶିକ କ୍ଷତି ହୋଇଥିଲେ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ |

- ବର୍ଷାପାଣି ଛାଡ଼ିବା ପରେ ଅଣଧାନ ଫସଲ ଯଥା – ମକା, ମୁଗ, ବିରି, ରାଶି ଇତ୍ୟାଦି ଠିଆ ଫସଲ କୋଡ଼ାଖୁସା କରି ଶୀର୍ଷ ସାର ପ୍ରୟୋଗ କରନ୍ତୁ |
- ଧାନ ଫସଲ ଆଂଶିକ କ୍ଷତି ହୋଇଥିଲେ ଧାନ ଗଛକୁ ସିଧା କରି ଦିଅନ୍ତୁ |
- ଧାନ ଜମିରେ ଦୁଇ ଫୁଟରୁ ଅଧିକ ପାଣି ଜମି ରହିଲେ ଧାନ ସହିତ ମାଛ ଚାଷ କରନ୍ତୁ |

(ଖ) ଅତ୍ୟଧିକ ପାଣି ବା ବନ୍ୟା ଦ୍ଵାରା ଜମି ପଜଡିଆ ପଡିଥିଲେ

- ଧାନ ଫସଲ ଧୋଇ ଯାଇଥିଲେ ନୂଆ ଧାନର ତଳି ଆଣି ରଅନ୍ତୁ | ମଝିଆଳି ଜମିରେ 90 ରୁ 100 ଦିନିଆ କିସମର ଧାନ ରଅନ୍ତୁ |
- ଅଧିକ ପିଲଥିବା ବୁଦାରୁ ମୂଳସହ ପିଲ ବାହାରକରି ଖାଲିଥିବା ଜାଗାରେ ରଅନ୍ତୁ |
- ଅଣଧାନ ଫସଲ ସମ୍ପୁର୍ଣ୍ଣ ନଷ୍ଟ ହୋଇଥିଲେ ଢ଼ିପ ଓ ଢ଼ିପାଳିଆ ମଝିଆଳୀ ଜମିରେ ପ୍ରାକ୍ ରବି ଅଣଧାନ ଫସମ ଯଥା ମୁଗ, ବିରି, ରାଶି, ଅଳସୀ ଇତ୍ୟାଦି ଫସଲର ନିମ୍ନଲିଖିତ କିସମଗୁଡ଼ିକୁ ବୁଣାବୁଣି କରନ୍ତୁ |
  - ରାଶି - କନକ, କାଳିକା, ଉମା, ତିଳୋତ୍ତମା, ନିଳୀମା, ପ୍ରାଚୀ,
  - ମୁଗ - କେ -851, ପିଡ଼ିଏମ୍ -54, ପିଡ଼ିଏମ୍ -11, ଓୟୁଏମ୍ -11-5

) **ଅଣଧାନ ଫସଲ**

- ଡିପ ଜମିରେ ଅଣଧାନ ପସଲରେ ବାଷ୍ପୀକରଣ କମ୍ କରିବା ପାଇଁ ମାଟିକୁ ଗୁଣ୍ଡ ଚାଷ କରନ୍ତୁ, ଯଦ୍ଵାରା ଜମିରେ ଏକ ଗୁଣ୍ଡ ମାଟିର ଆସ୍ତରଣ ହୋଇ ମାଟିର ବାଷ୍ପୀକରଣ କ୍ଷମତା କମିଯିବ |
- ମକା, କପା, ଚିନାବାଦାମ ଆଦି ଫସଲ 3 ରୁ 4 ସପ୍ତାହର ହୋଇଯାଇଥିଲେ କୋଡ଼ା ଖୁସା ସାରି ଘାସ ବିଛି ଦିଅନ୍ତୁ | କିନ୍ତୁ ଶୁଖିଲା ଜମିରେ ସାର ପ୍ରୟୋଗ କରନ୍ତୁ ନାହିଁ |
- ଗଛ 45 ଦିନର ହୋଇଯାଇଥିଲେ ସାଢ଼େ 4 ଲିଟର ପାଣିରେ 1 ମିଲି ହିସାବରେ ପ୍ଲାନୋଫିକ୍ସ ମିଶାଇ ସିଂଚନ କରନ୍ତୁ |

**ବିଶେଷ ଦ୍ରଷ୍ଟବ୍ୟ**

- ଫସଲ ବୀମା ନିଶ୍ଚିତ ପକ୍ଷେ କରନ୍ତୁ |

**ବିଶେଷ ସୂଚନା**

କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିସାନ କଲ କେନ୍ଦ୍ର( Kisan call center )

ଫସଲ ବୀମା ନିଶ୍ଚିତ ପକ୍ଷେ କରନ୍ତୁ

**ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା ଜି . ଉଦୟଗିରି**